ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.32 Bhubaneswar Wednesday, March 09, 2022 ୨୫ତମ ବର୍ଷ ସଂଖ୍ୟା-୩୨ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ନିରଞ୍ଜନ ପଟ୍ଟନାୟକ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର,୮ ।୩(ପି.ଏନ): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅସୁସ୍ଥ ହୋଇ ପଡିଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଶ୍ରୀ ପଟ୍ଟନାୟକ କେଉଁ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ସେ ନେଇ ଦଳ ପକ୍ଷରୁ କିଛି କୁହାଯାଇନଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ଏବେ ରାଜ୍ୟରେ ପୌର ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଅସୁସ୍ଥ ହୋଇପଡିବାକୁ ନେଇ କଂଗ୍ରେସ ଶିବିରରେ ନିରାଶା ଦେଖାଦେଇଛି । ଗତ ପଂଚାୟତ ନିର୍ବାଚନବେଳେ ମଧ୍ୟ ଶ୍ରୀ ପଟ୍ଟନାୟକ କରୋନା ସଂକ୍ରମିତ ହେବାରୁ ପ୍ରଚାର କାର୍ଯ୍ୟରେ ସାମିଲ ହୋଇପାରିନଥିଲେ ।



## ୨୨ ରୁ ୨୪ ପରୀକ୍ଷା ବନ୍ଦ

ଭୁବନେଶ୍ୱର , ୮ ।୩(ପି.ଏନ): ମାର୍ଚ୍ଚ ୨୨ ରୁ ୨୪ ତାରିଖ ମଧ୍ୟରେ ହେବାକୁ ଥିବା ଉଚ୍ଚଶିକ୍ଷା ବିଭାଗର ସମସ୍ତ ପରୀକ୍ଷା ବନ୍ଦ ରହିବ । ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଯୁକ୍ତ ୩ ଓ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଛି । ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ଭୋଟିଂ ପାଇଁ କଲେଜ ଗୁଡିକରେ ପୋଲିଂ ବୁଥ୍ କରାଯିବ । ତେଣୁ ଏହି ସମୟରେ ପରୀକ୍ଷା ବନ୍ଦ ନେଇ ସବୁ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧ୍ୟକ୍ଷମାନଙ୍କୁ ଚିଠି ଲେଖି ଜଣାଇଛି ଉଚ୍ଚଶିକ୍ଷା ବିଭାଗ । ଏହା ପୂର୍ବରୁ ନିର୍ବାଚନ ସମୟରେ ପରୀକ୍ଷା ବନ୍ଦ ରଖିବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ନିର୍ବାଚନ କମିଶନର ।

## ପୂର୍ଣ୍ଣ ଟିକାକରଣରେ ଆଗରେ ଓଡିଶା

ଭୁବନେଶ୍ୱର , ୮ ।୩(ପି.ଏନ): ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ଜାତୀୟ ସ୍ତରରେ ସର୍ବାଗ୍ରେ ରହିଛି । ରାଜ୍ୟରେ ପୂର୍ଣ୍ଣ ଟିକାକରଣ ହାର ୯୦.୫% ପ୍ରତିଶତ ରହିଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟିଅରିଂ କମିଟି ବୈଠକରୁ ଏହା ଜଣାପଡିଛି ।ବୈଠକର ସୂଚନା ଅନୁଯାୟୀ ରାଜ୍ୟରେ ସଘନ ଟିକାକରଣ ମିଶନ ଇନ୍ଦ୍ରଧନୁଶ୍ ୪.୦ ର ଆରମ୍ଭ ହୋଇଛି । ମୋଟ ତିନିଟି ପର୍ଯ୍ୟାୟରେ ଟିକାକରଣ କରାଯିବ । ୧ମ ରାଉଣ୍ଡ- ୭ ମାର୍ଚ୍ଚରୁ ଆରମ୍ଭ ହୋଇଛି । ସେହିପରି ୨ୟ ପର୍ଯ୍ୟାୟ ୪ ଏପ୍ରିଲ ଏବଂ ୩ୟ ପର୍ଯ୍ୟାୟ ୨ମେରୁ ଆରମ୍ଭ ହେବ । ବାକି ରହିଯାଇଥିବା ଦୁଇ ବର୍ଷରୁ କମ୍ ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯିବ ।ଏହି ମିଶନରେ ପ୍ରାୟ ୧୨ ପ୍ରକାର ରୋଗର ପ୍ରତିଷେଧକ ଟିକା ଦିଆଯିବ ।

## ଗୋଟିଏ ଦିନରେ ୧୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮ ।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୧୧୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୫୭୬୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୯୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୦୮ଜଣଙ୍କ ମଧ୍ୟରୁ ୬୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୨୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରୁ ୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ଓ ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ଗଜପତି ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ

## ୧୫ କୋଟି ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର , ୮ ।୩(ପି.ଏନ):୧୫ କୋଟି ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ନିର୍ଦ୍ଦେଶକ ତପନ କୁମାର ସାମନ୍ତଙ୍କୁ କୋଲକାତାରୁ ଗିରଫ କରିଛି କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା । ତପନଙ୍କୁ କ୍ରାଇମବ୍ରାଂଚ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବାଲେଶ୍ୱର କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି ।ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସୋରର ଶୁକଦେବ ହୋତା ମାସ୍ ଇନଫ୍ରା ରିଏଲିଟି ଲିମିଟେଡ ଓ ହ୍ୟୁମାନ୍ ୱେଲଫେଆର୍ କ୍ରେଡିଟ୍ ଏବଂ ଥ୍ରିଫ୍ଟ କୋ-ଅପରେଟିଭ୍ ସୋସାଇଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ପ୍ରତାପ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଛଅଜଣ ନିର୍ଦ୍ଦେଶକଙ୍କ ନାଁରେ ଲିଖିତ ଭାବେ ଠକେଇ ଅଭିଯୋଗ କରିଥିଲେ । ଏହି ଛଅଜଣଙ୍କ ମଧ୍ୟରେ ଅଭିଯୁକ୍ତ ତପନ କୁମାର ସାମନ୍ତ ବି ଥିଲେ ।

## ଇଫକୋକୁ ମିଳିଲା ଜାତୀୟ ସୁରକ୍ଷା ପୁରସ୍କାର




ପାରାଦୀପ,୮ ।୩(ପି.ଏନ): ପାରାଦୀପ ଇଫକୋ ୟୁନିଟ୍ କୁ ୨୦୧୮ ମସିହା ନିମନ୍ତେ ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ କେ.ଜେ.ପଟେଲ ଏହି ସମ୍ମାନ ଗ୍ରହଣ କରିଥିଲେ । ମାନ୍ୟବର କେନ୍ଦ୍ର ଶ୍ରମ ଓ ନିଯୁକ୍ତ ଓ ପେଟ୍ରୋଲିୟମ ଓ ନ୍ୟାଚୁରାଲ ଗ୍ୟାସ ବିଭାଗର ରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ମାନ୍ୟବର କେନ୍ଦ୍ର ଶ୍ରମ ଓ ନିଯୁକ୍ତି, ପରିବେଶ, ଜଙ୍ଗଲଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ପାରାଦୀପ ଇଫକୋ ୟୁନିଟ୍ ବ୍ୟତିତ ଇଫକୋର ଅନ୍ୟ ୟୁନିଟ୍‌ମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁରସ୍କୃତ ହୋଇଛନ୍ତି । ଡାଇରେକ୍ଟୋରେଟ୍ ଜେନେରାଲ ଫ୍ୟାକ୍ଟ୍ରି ଆଡଭାଇସ୍ ସର୍ଭିସ୍ ଆଣ୍ଡ ଲେବର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଇଫକୋ ପାରାଦୀପ ୟୁନିଟ୍ କୁ ରାସାୟନିକ ଓ ରାସାୟନିକ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ନିମନ୍ତେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବାରୁ ଏହି ଭଳି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି ବୋଲି ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ଜଣାଇଛନ୍ତି ।

## ପୁରୀ ଆନ୍ତର୍ଜାତିକ ବିମାନ ବନ୍ଦର: ଅନୁଧ୍ୟାନ କଲା ୭ ଜଣିଆ କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର,୮ ।୩(ପି.ଏନ): ପୁରୀରେ ଆନ୍ତର୍ଜାତିକ ଗ୍ରୀନଫିଲଡ୍ ବିମାନ ବନ୍ଦର ସ୍ଥାପନ ପାଇଁ ଓଡିଶା ସରକାର ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ଫର୍ମାଟରେ ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାରେ ସକ୍ଷମ ହୋଇନଥିବାବେଳେ ଆଜି ୭ଜଣିଆ କେନ୍ଦ୍ରୀୟ ଟିମ୍ ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ସ୍ଥଳ ଅନୁଧ୍ୟାନ କରିଛନ୍ତି । ଏହାସହିତ ଜିଲ୍ଲା ପ୍ରଶାସନ ସହ ବୈଠକ କରି ଜମିର ମ୍ୟାପ ଓ ଅନ୍ୟ ଦସ୍ତାବିଜ ଯାଂଚ୍ କରିଛନ୍ତି ।ସୂଚନା ଅନୁସାରେ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ)ର ୭ଜଣିଆ ବୈଷୟିକ ଟିମ୍ ଆଜି ପୁରୀସ୍ଥିତ ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ଅଂଚଳ ସିପସରୁବାଲିକୁ ଯାଇ ସେଠାରେ ଜମିର ମ୍ୟାପ୍ ସର୍ଭେ ଓ ଅନ୍ୟ ଦସ୍ତାବିଜ ଅନୁଧ୍ୟାନ କରିଛନ୍ତି । ଏହି ଟିମରେ ଦିଲ୍ଲୀ ଓ ଭୁବନେଶ୍ୱର ବିମାନ ବନ୍ଦରର ୭ଜଣ ଅଧିକାରୀ ସାମିଲ ଅଛନ୍ତି । ଏହି ଟିମ୍ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହ ପ୍ରସ୍ତାବିତ ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା କରିଥିବାବେଳେ ଟିମକୁ ପୁରୀ ଉପଜିଲ୍ଲାପାଳ ସହଯୋଗ କରିଥିଲେ । ପୂର୍ବରୁ ୨୦୨୧ ଜୁନ୍ ୧୭ତାରିଖରେ ଏଏଆଇର ବୈଷୟିକ ଟିମ୍ ପୁରୀ ସହରର ୪ଟି ସ୍ଥାନ ବାଲିଗୁଆଳି, ସମଗରା, ଗାଇରାଳ ଓ ସିପସରୁବାଲି ଅଂଚଳ ବୁଲି ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ଉପଯୁକ୍ତ ସ୍ଥାନ ନିରୀକ୍ଷଣ କରିଥିଲେ ।ତେବେ ଏହି ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ଓଡିଶା ସରକାର ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ଫର୍ମାଟରେ ପ୍ରସ୍ତାବ କେନ୍ଦ୍ର ବେସାମରିକ ବିମାନ ମନ୍ତ୍ରଣାଳୟକୁ ପ୍ରସ୍ତାବ ପଠାଇ ନଥିଲେ ମଧ୍ୟ କେନ୍ଦ୍ର ସରକାର ନିଜ ଆଡୁ ଆଗ୍ରହ ଦେଖାଇ ଏହି ବିମାନ ବନ୍ଦରର ବୈଷୟିକ ଫିଜିବିଲିଟି ଯାଂଚ୍ କରାଇଛନ୍ତି । । ବିମାନ ବନ୍ଦର ପ୍ରକଳ୍ପ ପାଇଁ ଆବଶ୍ୟକ ଅନୁମୋଦନ ରାଜ୍ୟ ସରକାର ପ୍ରସ୍ତୁତ କରି ପଠାଇବାର ଆବଶ୍ୟକତା ରହିଛି । କିନ୍ତୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ନିର୍ଦ୍ଧାରିତ ଫର୍ମାଟରେ ଏହା ପଠାଇ ନଥିବା ସୂଚନା ମିଳିଛି ।ଉଲ୍ଲେଖଯୋଗ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁରେ ପୁରୀରେ ଏକ ଆନ୍ତର୍ଜାତିକ ବିମାନ ବନ୍ଦର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ଜାନୁୟାରୀ ମାସରେ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ ।

## ମାର୍ଚ୍ଚ ୨୫ରୁ ୩୧ ଯାଏ ବିଧାନସଭାର ବଜେଟ ଅଧିବେଶନ : ୩୦ରେ ଉପସ୍ଥାପନ ହେବ ବଜେଟ

ଭୁବନେଶ୍ୱର, ୮ ।୩(ପି.ଏନ): ଓଡିଶା ବିଧାନସଭାର ବଜେଟ ଅଧିବେଶନ ଆଗାମୀ ୨୫ ତାରିଖରୁ ଆରମ୍ଭ ହୋଇ ୩୧ ଯାଏ ଚାଲିବ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ମାର୍ଚ୍ଚ ୨୫ ତାରିଖ ଦିନ ରାଜ୍ୟପାଳ ନିଜର ଅଭିଭାଷଣ ରଖିବେ । ଏହାପରେ ୨୬ ଓ ୨୮ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା କରାଯିବ ।ମାର୍ଚ୍ଚ ୩୦ ତାରିଖରେ ବିଧାନସଭାରେ ବଜେଟ ଉପସ୍ଥାପିତ ହେବ । ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟ ବଜେଟ ଉପସ୍ଥାପନ କରିବେ । ୩୧ ତାରିଖରେ ବ୍ୟୟ ମଞ୍ଜୁରି ବିଲ୍ ପାରିତ ହେବ । ଏଥର ବଜେଟ ଅଧିବେଶନରେ ମୋଟ ଛଅଟି କାର୍ଯ୍ୟଦିବସ ରହିବ । ତେବେ ଏହି ବଜେଟ ଅଧିବେଶନରେ କୋଭିଡ କଟକଣା ରହିବ କି ନା ସେନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ପରାମର୍ଶ କରିବେ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ସହ ପରାମର୍ଶ ପରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି ।ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କିଛି ଦିନ ତଳେ ବିଧାନସଭା ବଜେଟ ଅଧିବେଶନ ସଂପର୍କରେ ସୂଚନା ଦେଇ ବାଚସ୍ପତି କହିଥିଲେ, ମାର୍ଚ୍ଚ ୩୧ ତାରଖରୁ ପୂର୍ବରୁ ବସିବ ବିଧାନସଭା ବଜେଟ ଅଧିବେଶନ । ରାଜ୍ୟପାଳଙ୍କ ଅନୁମୋଦନ ଆସିବା ପରେ ବିଧିବଦ୍ଧ ତାରିଖ ଘୋଷଣା ହେବ ବୋଲି ସେ କହିଥିଲେ ।

## ପୌର ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର ,୮ ।୩(ପି.ଏନ): ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌରସଂସ୍ଥା ନିର୍ବାଚନକୁ ଶାନ୍ତି, ଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ଆଜି ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପ୍ରସାଦ ପାଢ଼ୀ କଟକ-ଭୁବନେଶ୍ୱର ଦ୍ୱୈତନଗରୀର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ବିଶେଷ କରି କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ହେବାକୁ ଥିବା ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ନିରାପଦ ଭାବେ ପରିଚାଳନା କରିବା ନିମନ୍ତେ ବିସ୍ତୃତ ଭାବେ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।ବୈଠକରେ ଆଦର୍ଶ ଆଚରଣ ବିଧିକୁ ସଠିକ୍ ଭାବେ ଅନୁପାଳନ ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ନିର୍ବାଚନ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନ ଉଭୟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମହାନଗର ନିଗମ ଅଞ୍ଚଳର ସବୁ ବୁଥ୍ ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଦ୍ୱୈତ୍ୟନଗରୀର ପୁଲିସ କମିନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି । ନିର୍ବାଚନ ସାମଗ୍ରୀ ବଂଟନ ନିମନ୍ତେ ୩୩ଟି କେନ୍ଦ୍ର ଖୋଲାଯାଇ ନିର୍ବାଚନ ସାମଗ୍ରୀଗୁଡ଼ିକୁ ସୁରୁଖୁରୁରେ ବଂଟନ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମର କମିଶନର ସଂଜୟ କୁମାର ସିଂହ ପ୍ରକାଶ କରିଛନ୍ତି । ଏଥର ନିର୍ବାଚନରେ ମହିଳା ବୁଥ୍ ଓ ଆଦର୍ଶ ବୁଥ୍ ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ପୂର୍ବରୁ ପୁଲିସ ପାଟ୍ରୋଲିଙ୍ଗକୁ କଡ଼ାକଡ଼ି କରିବା ନିମନ୍ତେ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଆଇନ ଶୃଙ୍ଖଳା ଏଡିଜି ଆର କେ ଶର୍ମା , ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମର କମିଶନର ଅର୍ଚ୍ଚନା ଦାସ, ଡିସିପି ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂହ, କଟକ ଓ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଷୀର ସ୍ୱପ୍ନ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ମହିଳା ସଂଗଠନ ସମ୍ମାନିତ




ଭୁବନେଶ୍ୱର: ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଓଡ଼ିଶାର ପ୍ରମୁଖ କୃଷି ପତ୍ରିକା ଚାଷୀର ସ୍ୱପ୍ନ:ଶ୍ୟାମଳ ସୁବର୍ଣ୍ଣ ତରଫରୁ ଶ୍ରେଷ୍ଠ ମହିଳା ସଂଗଠନ ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରତିବର୍ଷ ଏହି କୃଷି ପତ୍ରିକା କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳା ମାନଙ୍କୁ ସମ୍ମାନିତ କରେ । ଭୁବନେଶ୍ୱର ଉପକଣ୍ଠ ଜାଗମରାରେ ପରିଚିତ ଏ ମହିଳା ସଂଗଠନ । ମହିଳା ମାନଙ୍କୁ ନେଇ ଆରମ୍ଭ ହୋଇଥିବା ଏ ସଂଗଠନ ଏବେ ସବୁଆରକ୍ଷନ ପ୍ରଶଂସା ସାଉଁଟୁଛି । କେବଳ ପ୍ରଶଂସା ନୁହେଁ ବରଂ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରୁଛନ୍ତି । ସଂଗଠନର ସମ୍ପାଦିକା ନିରୁପମା ମହାନ୍ତିଙ୍କ କହିବା ଅନୁଯାୟୀ - ଏ ସଂଗଠନ ନାରୀ ମାନଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଅବିରତ ସଂଘର୍ଷ କରିଆସୁଛି । ଯେକୌଣସି ସମସ୍ୟା ହେଉ କି ଦୁର୍ଘଟଣା , ସବୁଥିରେ ଗୀତା ମହିଳା ସଂଗଠନର କର୍ମୀ ମାନେ ଉପସ୍ଥିତ ରହି ସେବା ଯୋଗାଇଥାନ୍ତି । ମହିଳା ମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ,ସେ ଦିଗରେ କାମ କରିବା ସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଠାରୁ ଆରମ୍ଭ କରି କୃଷି କାର୍ଯ୍ୟରେ କିପରି ମହିଳା ମାନେ ନିଜକୁ ସାମିଲ କରିପାରିବେ , ସେ ଦିଗରେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଏହି ପତ୍ରିକା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପତ୍ରିକାର ସଦସ୍ୟ ବିଜ୍ଞାନ ମିହିର ରାଉତ ଓ ତାପସ ରଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ତ୍ରିନାଥ ମିଶ୍ରଙ୍କ ପତ୍ନୀଙ୍କୁ ଆଗୁଆ ଜାମିନ୍

ଭୁବନେଶ୍ୱର , ୮ ।୩(ପି.ଏନ): ଆୟ ବର୍ହିଭୂତ ସଂପତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଅତିରିକ୍ତ ଏସ୍‌ପି (କମ୍ୟୁନିକେସନ) ତ୍ରିନାଥ ମିଶ୍ରଙ୍କ ପତ୍ନୀ ଦୀପ୍ତିମୟୀ ମିଶ୍ରଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି । ତଦନ୍ତରେ ସହଯୋଗ କରିବା ସର୍ତରେ ହାଇକୋର୍ଟ ତାଙ୍କୁ ଜାମିନ୍ ମଂଜୁର କରିଛନ୍ତି । ତ୍ରିନାଥଙ୍କ ସହ ତାଙ୍କ ସ୍ତ୍ରୀଙ୍କ ନାଁରେ ମଧ୍ୟ ମାମଲା ଥିଲା । ଗିରଫଦାରିଙ୍କୁ ଏଡାଇବା ପାଇଁ ଦୀପ୍ତିମୟୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ।ସୂଚନାଯୋଗ୍ୟ ଅଭିଯୋଗ ପରେ ତ୍ରିନାଥଙ୍କ କଟକ, ଖୋର୍ଦ୍ଧା, ଯାଜପୁର, ଜଗତସିଂହପୁର ଓ ନବରଙ୍ଗପୁର ଆଦି ଜିଲ୍ଲାର ୧୧ଟି ସ୍ଥାନରେ ଥିବା ତାଙ୍କର ବିଭିନ୍ନ ଠିକଣା ଉପରେ ଭିଜିଲାନ୍ସ ପକ୍ଷରୁ ଏକା ସମୟରେ ଚଢ଼ଉ କରାଯାଇଥିଲା । ଏଥିରୁ ବିପୁଳ ପରିମାଣରେ ସମ୍ପତି ଥିବାର ଜଣାଯାଇଥିଲା । ଶ୍ରୀ ମିଶ୍ର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଏବେ ଜେଲ୍ ରେ ଅଛନ୍ତି । ପରେ ରାଜ୍ୟ ସରକାର ତ୍ରିନାଥ ମିଶ୍ରଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଶ୍ରୀ ମିଶ୍ରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ତ୍ରିନାଥ ମିଶ୍ର ଗିରଫ ହେବା ଓ ନିଜ ନାଁରେ ମାମଲା ରୁଜୁ ହେବା ପରେ ଦୀପ୍ତିମୟୀ ଭିଜିଲାନସ୍ କୁ ଚ୍ୟାଲେଞ୍ଜ୍ କରିଥିଲେ । ସେ କହିଥିଲେ ଯେ, ଜବତ ହୋଇଥିବା ସମ୍ପତି ତାଙ୍କର ପୈତୃକ ସମ୍ପତି ।

## ବିଜେପିରେ ସାମିଲ ହେଲେ ଖଇରା ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବହୁ ବିଜେଡି ନେତା

ଭୁବନେଶ୍ୱର , ୮ ।୩(ପି.ଏନ): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବର୍ତ୍ତମାନ ଅଧ୍ୟକ୍ଷା ତଥା ବର୍ତ୍ତମାନ ପଲାସା ଗ୍ରାମ ପଂଚାୟତ ସମିତି ସଭ୍ୟା ଅଭିଲିପ୍ସା ସାହୁ, ଝିଙ୍କିରିଆ ଗ୍ରାମ ପଂଚାୟତ ସମିତି ସଭ୍ୟା ରଶ୍ମିତା ଜେନା, ଖଇରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ସମିତି ସଭ୍ୟ ବିଷ୍ଣୁପଦ ସାହୁ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ସଭାପତି ଓ ରାଜ୍ୟ ପ୍ରଭାରୀ ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ଏହି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।ଜନସାଧାରଣ ମାନେ ଗତ ପଂଚାୟତ ନିର୍ବାଚନରେ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀବାସୀ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିଥିବାରୁ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇ ଓ ଭଉଣୀମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି ।କେନ୍ଦ୍ରରେ ମୋଦି ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଯୋଜନାର ସୁଫଳ କାରଣରୁ ସାଧାରଣ ଜନତାଙ୍କ ମନ ଭିତରେ ଏକ ବିଶ୍ୱାସ ଜାଗୃତ ହୋଇଛି । ସମସ୍ତ ନୂତନ ସଦସ୍ୟଙ୍କୁ ଶ୍ରୀମତୀ ପୁରନ୍ଦେଶ୍ୱରୀରାଜ୍ୟରେ କମଳ ଫୁଟାଇବାରେ ଏହି ଜନସାଧାରଣ ମାନେ ସହାୟକ ହେବେ ବୋଲି ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ କହିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




## ସୌଭାଗ୍ୟ ରଞ୍ଜନ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ନ୍ତମା ତାରିଣୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ

ଭୁବନେଶ୍ୱର,(ପି.ଏନ): ସମ୍ବଲପୁର ବୈଦିକ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ ତଥା ସୁସାହିତ୍ୟିକ ଶ୍ରୀ ସୌଭାଗ୍ୟ ରଞ୍ଜନ ମହାପାତ୍ର ମର୍ଯ୍ୟାଦା ଜନକ ରାଜ୍ୟସ୍ତରୀୟ ନ୍ତମା ତାରିଣୀ ସାହିତ୍ୟ ସମ୍ମାନ ୨୦୨୨' ରେ ସମ୍ମାନିତ ହୋଇଛନ୍ତି। କେନ୍ଦୁଝର, ଆନନ୍ଦପୁର ନିକଟସ୍ଥ ଆନନ୍ଦ ଭବନ ଠାରେ ଆୟୋଜିତ ନ୍ତପ୍ରୀତି ପ୍ରଣତିନ୍ତର ପ୍ରଥମ ବାର୍ଷିକ ସାହିତ୍ୟ ସମ୍ବର୍ଦ୍ଧନା ଉତ୍ସବର ଶିବିରରେ ମୁଖ୍ୟ ଅତିଥି ପ୍ରଫେସର ରମାକାନ୍ତ ନାୟକ(ବିଶିଷ୍ଟ ସାହିତ୍ୟିକ, ଅବସରପ୍ରାପ୍ତ ଅଧକ୍ଷ, ଆନନ୍ଦପୁର କଲେଜ) ମୂଖ୍ୟବକ୍ତା: ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ସାମନ୍ତରାୟ, (ସୁସାହିତ୍ୟିକ,ପରିବେଶବିତ୍, ଆନ୍ତର୍ଜାତିକ ଗାନ୍ଧୀ ଶାନ୍ତିଦୂତ, ଓଡ଼ିଶା ଅର୍ଥସେବା ଅଧିକାରୀ),ସମ୍ମାନୀତ ଅତିଥୀ: ଶ୍ରୀ ହରିହର ପାଣିଗ୍ରାହୀ(ସୁସାହିତ୍ୟିକ, ପ୍ରବଚ୍କ, ବିଶିଷ୍ଟ ପାଲା ଗାୟକ) ଓ ସମ୍ମାନୀତ ବକ୍ତା ଶ୍ରୀଯୁକ୍ତ ରତ୍ନାକର ଦାସ(ବିଶିଷ୍ଟ ଶିଶୁ ସାହିତ୍ୟିକ)ପ୍ରମୁଖ ଯୋଗ ଦେଇଥିଲେ। ଏମାନଙ୍କ ସମେତ ସମ୍ମାନିତ ଅତିଥି ସୁସାହିତ୍ୟିକ, ପ୍ରବଚ୍କ,ତଥା ବିଶିଷ୍ଟ ପାଲା ଗାୟକ ଶ୍ରୀଯୁକ୍ତ ହରିହର ପାଣିଗ୍ରାହୀ ଙ୍କ କର




କମଳ ମାଧମରେ ଚ଼ଳିତ ବର୍ଷର ପ୍ରୀତି ପ୍ରଣତି ସାହିତ୍ୟ ଅନୁଷ୍ଠାନ, ଆନନ୍ଦପୁର, କେନ୍ଦଝର ତରଫରୁ "ମା ତାରିଣୀ ସାହିତ୍ୟ ସମ୍ମାନ ୨୦୨୨ନ୍ତ ଶ୍ରୀ ସୌଭାଗ୍ୟ ଙ୍କୁ ପ୍ରଦାନ କରାଯାଇଛି।ଏହି ଅବସରରେ ଅନୁଷ୍ଠାନର ସଭାପତି ଶ୍ରୀ ବିଭୁତି ଭୁଷଣ ସାମଲ(ବିଶିଷ୍ଟ ସାହିତ୍ୟିକ) ତଥା ସମ୍ପାଦକ ଶ୍ରୀ ଦେବବ୍ରତ ବାରିକ ତାଙ୍କୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।ଶ୍ରୀ ସୌଭାଗ୍ୟ ଙ୍କ ଜନ୍ମସ୍ଥାନ ହେଉଛି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କଙ୍କାଲୁ ଗ୍ରାମରେ । ଶ୍ରୀ ସୌଭାଗ୍ୟ ପିତା ଶ୍ରୀଯୁକ୍ତ ଜୟକୃଷ୍ଣ ମହାପାତ୍ର ଓ ମାତା ଶ୍ରୀମତୀ ଚ଼ାରୁବାଳା ମହାପାତ୍ର ଙ୍କ ଜୈଷ୍ଠ ସନ୍ତାନ। ତାଙ୍କର ଏହି ସଫଳତା ପାଇଁ ତାଙ୍କର ଜନ୍ମମାଟି ଓ କର୍ମମାଟି(ସମ୍ବଲପୁର) ଅଞ୍ଚଳର ମହଲରେ ଖୁସିର ଲହରୀ ଖେଳିଯାଇଛି ଓ ତାଙ୍କର ଏତାଦୃଶ ସଫଳତା ପାଇଁ ପାଠକ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିବାହ ପ୍ରତିଶୃତି ଦେଇ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ଅଭିଯୁକ୍ତ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ସାଥୁଆପାଟଣା ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀକୁ ବିବାହ ପ୍ରତିଶୃତି ଦେଇ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ସାଥୁଆପାଟଣା ଗ୍ରାମର ଦେବେନ୍ଦ୍ର ବଳ ବୋଲି ଜଣପଡିଛି । ସୂଚନା ମୁତାବକ ସାଥୁଆପାଟଣା ଗ୍ରାମର ବାସନ୍ତି ସାହୁ(୨୫)ଙ୍କୁ ବିବାହ ପ୍ରତିଶୃତି ଦେଇ ସେହି ଗ୍ରାମର ଦେବେନ୍ଦ୍ର ସାରିରୀକ ସମ୍ପର୍କ ରଖିଆସୁଥିଲା। ହେଲେ ଦେବେନ୍ଦ୍ର ଏବେ ବିବାହ କରିବାକୁ ମନା କରିବାରୁ ଏନେଇ ବାର୍ସି ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୭/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ଉମାକାନ୍ତ ନୟକ ସୂଚନା ଦେଇଛନ୍ତି ।

## ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ୍ ସେବାକେନ୍ଦ୍ର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ




ଚଣ୍ଡିଖୋଲ,(ପି.ଏନ): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବାକେନ୍ଦ୍ର ପକ୍ଷରୁ ଦର୍ପଣସ୍ଥିତ ଲାଲବାହାଦୁର ଉଚ୍ଚବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ତାଲୁକ କେନ୍ଦ୍ର ଅଧକ୍ଷ ଜେ.ଏମ୍.ଏଫ.ସି. ସୌମ୍ୟ ରଂଜନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ସବ୍-ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ, ଜେ.ଏମ୍.ଏଫ.ସି. ସୁଶ୍ରୀ ତସଲିମା ଦାସ, କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରମୁଖ ଯୋଗଦେଇ ଭୃଣହତ୍ୟା ନିରୋଧ ଆଇନ, ପୋକସୋ ଆଇନ ପୀଡ଼ିତାଙ୍କୁ କ୍ଷତିପୂରଣ ଯୋଜନା, କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ନିର୍ଯ୍ୟାତନା ଓ ଶୋଷଣ ବିରୋଧରେ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। କୋର୍ଟ ଫ୍ରଂଟ୍ ଅଫିସ୍ ରିଟେନର ଆଇନଜୀବୀ ଲୋମାରାଣୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମ୍ବୁଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମହିଳା ସଶକ୍ତିକରଣ ସମ୍ପର୍କିତ ସଂଗୀତ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମହିଳା ବିଚାରପତି ସୁଶ୍ରୀ ତସଲିମା ଦାସ ଓ ଆଇନଜୀବୀ ଲୋମାରାଣୀ ନାୟକଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ମହିଳା ଦିବସ ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ତାଲୁକ ସମ୍ପାଦକ ସୌମ୍ୟରଂଜନ ସାମଲଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମହିଳା ଦିବସ ଉପଲକ୍ଷେ ନାରୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ) ବିଶ୍ୱ ମହିଳା ଦିବସ ଉପଲକ୍ଷେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା, ଆଚିଭର ଫାଉଣ୍ଡେସନ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ନାରୀ ପ୍ରତିଭାମାନଙ୍କୁ ଗୀତଗୋବିନ୍ଦ ସଦନ ପରିସରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଚିଭର ନ୍ୟୁଜର ସ୍ୱନକ୍ଷତ୍ର ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ ଯେ, ସମାଜର ବିକାଶ ପାଇଁ ନାରୀମାନଙ୍କର ଭୂମିକା ଅତୁଳନୀୟ। ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ସମାଜର ବିକାଶ ପ୍ରତି ବିନିଯୋଗ କରିପାରିଲେ ଏକ ଉନ୍ନତ ରାଜ୍ୟ, ଦେଶ ଗଠନ ହୋଇପାରିବ। ପୁରାଣ, ଇତିହାସରେ ଏହାର ବହୁ ଜ୍ୱଳନ୍ତ ଉଦାହରଣ ରହିଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧରେ ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ, ରାଜ୍ୟ ଯୋଜନା ବୋର୍ଡ଼ର ଉପାଧକ୍ଷ ସଞ୍ଜୟ ଦାସବର୍ମା, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଆଡ଼ଭୋକେଟ ଗୋପାଳକୃଷ୍ଣ ମହାନ୍ତି, ପ୍ରଫେସର ମେଜର କଳ୍ପନା ଦାସ, ଦୂରଦର୍ଶନର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ଆଡ଼ଭୋକେଟ ବିଷ୍ଣୁପ୍ରସାଦ ପାତ୍ର, ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ଆଚିଭର ଫାଉଣ୍ଡେସନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ, ଭାରତୀୟ ଫିଜିଆଟାରୀ ସୋସାଇଟିର ଅତିରିକ୍ତ ସାଧାରଣ ସମ୍ପାଦକ ଡ. ଶୁଭେନ୍ଦୁ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଏକ ବିକାଶଶୀଳ ସମାଜରେ ନାରୀମାନେ ଯୁଗେ ଯୁଗେ ପ୍ରମୁଖ ଭୂମିକା ତୁଲାଇ ଆସିଛନ୍ତି ବୋଲି କହିଥିଲେ। ଉତ୍ସବର ପ୍ରାରମ୍ଭରେ ପ୍ରେରଣା ଗ୍ରୀନ୍ ଆର୍ମିର ଅଧକ୍ଷ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି କହିଲେ ଯେ, ଓଡ଼ିଶାରେ ଅତୀତରୁ ବର୍ତମାନ ପର୍ଯ୍ୟନ୍ତ ନାରୀ ପ୍ରତିଭାମାନେ ସେମାନଙ୍କର ଦକ୍ଷତା ଦେଶ ବିଦେଶରେ ପ୍ରଦର୍ଶନ କରି ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ସେହି ମହିୟସୀ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ସହିତ ଆଗାମୀ ଦିନରେ ସମାଜର ସାମଗ୍ରୀକ ବିକାଶରେ ସାମିଲ୍ କରିବା ଆମ୍ଭର ଏହି ଉତ୍ସବର ମୁଖ୍ୟ ଆଭିମୁଖ୍ୟ।ଏହି ଅବସରରେ ଡଃ ସୁଷମା ମିଶ୍ରଙ୍କୁ କୁନ୍ତଳାକୁମାରୀ ସାହିତ୍ୟ ସମ୍ମାନ, ସରିତା ପଟେଲଙ୍କୁ ରମାଦେବୀ ସମାଜସେବୀ ସମ୍ମାନ, ପ୍ରଫେସର ସରୋଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ମାଳତୀ ଚୌଧୁରୀ ସେବା ସମ୍ମାନ, ବିନି ସାମଲଙ୍କୁ ପାର୍ବତୀ ଘୋଷ ସ୍ମାରକୀ ସିନେ ସମ୍ମାନ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କୁ ନନ୍ଦିନୀ ଶତପଥୀ ସେବା ସମ୍ମାନ, ଡ. ସ୍ୱାଧୀନାଙ୍କୁ ଓଡ଼ିଶାର ଶ୍ରେଷ୍ଠ ନାରୀ ପ୍ରତିଭା ସମ୍ମାନ, ସୁସ୍ମିତା ଦାସଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ନମ୍ରତା ସିଂଦେଓଙ୍କୁ ଚଳିତବର୍ଷର ଶ୍ରେଷ୍ଠ ସିନେ ଅଭିନେତ୍ରୀ ସମ୍ମାନ, ମାନସୀ ପାଲଙ୍କୁ ଶ୍ରେଷ୍ଠ ଧାରାବାହିକ ସମ୍ମାନ, ନିଲ୍ ପଣ୍ଡାଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ, ମିନତୀ ସିଂ ଓ ମୌସୁମୀ ମହାନ୍ତିଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, ରୋଜାଲିନ, ଗୁନ୍‌ଗୁନ୍, ଶିବାନୀ ମୁଦ୍ରା, ଗାୟତ୍ରୀ ମହାନ୍ତିଙ୍କୁ ଶ୍ରେଷ୍ଠ ଉପସ୍ଥାପିକା ସମ୍ମାନ, ମିସ୍ ଟିମ୍ ଇଣ୍ଡିଆ ମିଲନ କୁମାରୀ ପଣ୍ଡାଙ୍କୁ ଶ୍ରେଷ୍ଠ ନାରୀ ପ୍ରତିଭା, ଆମ୍ବିକା ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା, ରୋଛନା ମହାପାତ୍ରଙ୍କୁ ଶ୍ରେଷ୍ଠ ମେଧାବୀ ଛାତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା।

## ଅଣ-ବାସୁମତୀ ଚାଉଳ ରପ୍ତାନୀ ବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, (ପି.ଏନ): କୃଷକମାନଙ୍କ ଆୟବୃଦ୍ଧି ଦିଗରେ ଅନ୍ୟ ଏକ ବଡ ପଦକ୍ଷେପ ଭାବେ ରାଜ୍ୟ ସରକାର ଓଡ଼ିଶାରୁ ଅଣ-ବାସୁମତୀ ସୁଗନ୍ଧଯୁକ୍ତ ଚାଉଳ ରପ୍ତାନୀ ବୃଦ୍ଧି ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଇତି ମଧରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ, ଭାରତ ସରକାରଙ୍କ କୃଷି ଓ ପ୍ରକ୍ରିୟାକରଣ ଖାଦ୍ୟଦ୍ରବ୍ୟ ରପ୍ତାନୀ କର୍ତୃପକ୍ଷ (ଆପେଡା), କୃଷି ବୈଜ୍ଞାନିକ, ଚାଉଳ ରପ୍ତାନୀକାରୀ ସଂଘର ପ୍ରତିନିଧି ପ୍ରମୁଖ ଯୋଗଦେଇ ରାଜ୍ୟରୁ ଚାଉଳ ରପ୍ତାନୀ ବୃଦ୍ଧି ସମ୍ବନ୍ଧିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାର କୃଷି-ଜଳବାୟୁ ଜୋନ୍, ରାଜ୍ୟରେ ବହୁପ୍ରକାର ସୁଗନ୍ଧିତ ଧାନ ଉତ୍ପାଦନ ନିମନ୍ତେ ପ୍ରାକୃତିକ ସମ୍ବଳ, କୃଷକମାନଙ୍କର କୌଶଳ, ଚାଉଳ ରପ୍ତାନୀ ନିମନ୍ତେ ରାଜ୍ୟରେ ଥିବା ବନ୍ଦର ଓ ଭିତିଭୂମି ଆଦିକୁ ବିଚାର କରି ଅଣ-ବାସୁମତୀ ଚାଉଳ ରପ୍ତାନୀ ନିମନ୍ତେ ଏକ ସହାୟକ ବାତାବରଣ ଓ ଆନୁଷ୍ଠାନିକ ବ୍ୟବସ୍ଥା ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ତ୍ରିପାଠୀ କହିଥିଲେ ଯେ ରାଜ୍ୟରୁ ଚାଉଳ ରପ୍ତାନୀର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଆପେଡା କର୍ତୃପକ୍ଷ ଓ ରାଜ୍ୟ କୃଷି ନିର୍ଦ୍ଦେଶାଳୟ ମିଳିତଭାବେ କୃଷକ ସଂଘ, ରପ୍ତାନୀକାରୀ ସଂସ୍ଥା ଏବଂ କୃଷି ବିଭାଗ ଅଧିକାରୀମାନଙ୍କୁ ସାମିଲ କରି କ୍ଷେତ୍ରସ୍ତରରେ ଆଲୋଚନା ଓ କୃଷକ ଅନୁପ୍ରେରଣାଶିବିରମାନ ଆୟୋଜନ କରିବା ନିମନ୍ତେ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଚାଷୀମାନେ ରପ୍ତାନୀ ଯୋଗ୍ୟ ଧାନ ଓ ଚାଉଳ ଉତ୍ପାଦନ ନିମନ୍ତେ ବିଶ୍ୱାସ ଓ ଭରଷା ପାଇବେ ବୋଲି ସେ କହିଥିଲେ। ଅଣ-ବାସୁମତୀ ସୁଗନ୍ଧଯୁକ୍ତ ଚାଉଳ ପାଇଁ ଧାନ ଚାଷ ନିମନ୍ତେ କ୍ଲଷ୍ଟର ପଦ୍ଧତି ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କୃଷି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଯେଉଁ ଅଂଚଳଗୁଡିକ ଏଥିପାଇଁ ଅଧିକ ଉପଯୋଗୀ ସେଗୁଡିକୁ ଚିହ୍ନଟ କରିବା ସହ ଅଣ-ବାସୁମତୀ ଧାନ ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷକମାନଙ୍କୁ ଆବଶ୍ୟକୀୟ ବିହନ ଓ କୃଷି କୌଶଳ ଯୋଗାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଚାଉଳ ରପ୍ତାନୀ ପ୍ରକ୍ରିୟାସହ ସଂପୃକ୍ତ ଅଂଶୀଦାରମାନଙ୍କୁ ନେଇ ଏକ ବିଶେଷଜ୍ଞ ଟିମ୍ ଗଠନ କରିବା ନିମନ୍ତେ ମଧ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଆନ୍ଧ୍ରରେ ଚାଉଳ ରପ୍ତାନୀ ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତିର ଅଧୟନ ଏବଂ ଏହି ଆଲୋଚନା ଚକ୍ରରୁ ମିଳିଥିବା ପରାମର୍ଶ ଆଦିକୁ ସମନ୍ୱିତ କରି ରାଜ୍ୟ ପାଇଁ ଏକ ବାସ୍ତବବାଦୀ କାର୍ଯ୍ୟ ଯୋଜନା ତୁରନ୍ତ ପ୍ରସ୍ତୁତ କରିବା ପାଇଁ ଶ୍ରୀ ମହାପାତ୍ର କୃଷି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରପ୍ତାନୀ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପରୀକ୍ଷାଗାର ଶୃଙ୍ଖଳ, ଭଣ୍ଡାର, ଚାଷୀମାନଙ୍କ ମଧରେ ଆନ୍ତର୍ଜାତୀୟ ଖାଦ୍ୟାଭ୍ୟାସ ବିଷୟରେ ସଚେତନତା ସୃଷ୍ଟି, ଏବଂ କୃଷକଙ୍କ ପାଇଁ ସହଜଲବ୍ଧ ଓ ନିର୍ଭରଯୋଗ୍ୟ ଆନୁଷ୍ଠାନିକ ବ୍ୟବସ୍ଥା ଆଦି ବିଷୟରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ସଂଜୀବ ଚୋପ୍ରା, ଆପେଡା ନିର୍ଦ୍ଦେଶକ ଡଃ ଅଙ୍ଗୁମୁଥୁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, କୃଷି ନିର୍ଦ୍ଦେଶକ ଡଃ ମୁଥୁ କୁମାର, ଚାଉଳ ରପ୍ତାନୀକାରୀ ସଂଘ ସଭାପତି ଭି.ଭି.ରାଓଙ୍କ ସମେତ ବରିଷ୍ଠ ବୈଜ୍ଞାନିକ, ଏବଂ ଅଧିକାରୀମାନେ ଆଲୋଚନା ଚକ୍ରରେ ନିଜ ନିଜର ସୁଚିନ୍ତିତ ବିଶ୍ଳେଷଣ ଉପସ୍ଥାପନ କରିଥିଲେ ।

## ପୂର୍ବତନ କର୍ପୋରେଟର ଦମ୍ପତିଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱରର ୧୯ନଂ ୱାର୍ଡର ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ ଏବଂ ତାଙ୍କ ଧର୍ମପତ୍ନୀ ଜୋସ୍ନ୍ୟାମୟୀ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ସେହିପରି ୮ ଦିନ ତଳେ କଂଗ୍ରେସ ଦଳ ଛାଡ଼ି ବିଜେଡ଼ିରେ ଯୋଗଦେଇଥିବା ପ୍ରକାଶ ଜେନା ଓ ତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ଜେନା କଂଗ୍ରେସକୁ ପ୍ରତ୍ୟାବର୍ତନ କରିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ଏବଂ ସାଂସଦ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଭରସା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ଉପସ୍ଥିତିରେ ଶ୍ରୀ ରାଉତରାୟ ଦମ୍ପତି ଏବଂ ଶ୍ରୀ ଜେନା ଶତାଧିକ କର୍ମୀଙ୍କ ସହ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶଙ୍କ ସମେତ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ସଂପାଦକ, ମାନସ ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ଅକ୍ଷୟ ଦାସ, ଶ୍ରୀଧର ବଳିଆର ସିଂ, ଜୟକୃଷ୍ଣ ସୁବୁଦ୍ଧି, ମୋହନ ଜେନା, ଶ୍ରୀନିବାସ ରାଉତରାୟ, ପ୍ରକାଶ ମିଶ୍ରଙ୍କ ସମେତ ବହୁ ମହିଳା, ଯୁବ, ଛାତ୍ର ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶ କଂଗ୍ରେସ ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରି ଆଗାମୀ ଦିନରେ ଭୁବନେଶ୍ୱରରେ କଂଗ୍ରେସ ସୁଦୃଢ଼ ହେବ ବୋଲି ଆଶାପୋଷଣ କରିଥିଲେ। ଶ୍ରୀମତୀ ଜ୍ୟୋସ୍ନାମୟୀ ରାଉତରାୟ ୧୯ ନଂ ୱାର୍ଡରୁ ଭାରତୀୟ ଜାତୀୟ କଂଗ୍ରେସରେ କର୍ପୋରେଟର ପ୍ରାର୍ଥୀ ହୋଇଥିବା ବେଳେ ୩୧ନଂ ୱାର୍ଡରୁ ପ୍ରକାଶ ଜେନାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ଜେନା ପ୍ରାର୍ଥୀ ହୋଇଛନ୍ତି।

## ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ପାରାଦୀପ,(ପି.ଏନ): ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ସମିତିର ଉପାଧକ୍ଷ ଇଂ ଦୀପକ କୁମାର ରଥଙ୍କ ପୌରହିତ୍ୟରେ ଏହି ଉପଲକ୍ଷେ ମଙ୍ଗଳବାର ଦିନ ସ୍ଥାନୀୟ ଅଫିସର୍ସ କ୍ଲବ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ପି.ଏନ. ସୋନ୍ଧି, ବନ୍ଦର ସଚିବ ପି.ଏନ. ବାହେକର, କବି ଓ ସମାଜସେବୀ ପ୍ରେମଲତା ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସାକ୍ଷରତା ସମିତି ଦ୍ୱାରା କରାଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମକୁ ନେଇ ଏକ ଚଳଚିତ୍ର ପଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ହରନାଦ ସାକ୍ଷରତା ସମିତି ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ନିଜର ବକ୍ତବ୍ୟରେ ଭୂୟସୀ ପ୍ରସଂଶା କରିବା ସହ ଏହି କାର୍ଯ୍ୟକ୍ରମକୁ ଅଧିକ କିପରି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ରଖିବା ସହିତ ଏଦିଗରେ ବନ୍ଦର ପ୍ରଶାସନ ସମସ୍ତ ସହାୟତା ଯୋଗାଇ ଦେବ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ । ଏହି ଅବସରରେ ସୁନାମଧନ୍ୟ ଶିକ୍ଷୟତ୍ରୀ ଗୀତାଳି ତରାଇଙ୍କୁ ମୁଖ୍ୟ ଅତିଥି ଶ୍ରୀ ହରନାଦ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ମହିଳା ମାନଙ୍କ ମଧରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସ୍ୱୟଂ ସହାୟକା ଗୋଷ୍ଠୀ ସମୁହଙ୍କୁ ଅର୍ଥରାଶି ପ୍ରଦାନ କରାଯିବା ସହିତ କୋଭିଡତ ମହାମରୀ ସମୟରେ ନୋଜମାସ୍କ ପ୍ରସ୍ତୁତ କରିଥିବା ମହିଳା ସ୍ୱେଚ୍ଛାସେବୀ ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଶେଷରେ ସାକ୍ଷରତା ସମିତିର ସଂପାଦକ ଶ୍ରୀ ରାମଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




## ପୌର ନିର୍ବାଚନ ପାଇଁ ପଞ୍ଚମ ଦିବସରେ ୧୦ଜଣ ପ୍ରାର୍ଥୀଙ୍କ ନାମଙ୍କନପତ୍ର ଦାଖଲ



କୋଣାର୍କ (ପିଏନ୍)- କୋଣାର୍କ ଏନଏସିରେ ପୌର ନିର୍ବାଚନ ପାଇଁ ପଞ୍ଚମ ଦିବସରେ ଅଧକ୍ଷ ପଦବୀ ପାଇଁ ୨ ଓ କାଉନସିଲ ପ୍ରାର୍ଥୀଭାବେ ୮ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅଧକ୍ଷ ପଦବୀ ପାଇଁ ସ୍ୱାଧିନ ପ୍ରାର୍ଥୀଭାବେ ଲିପସ୍ଵା ବେହେରା ଓ ବହୁଜନ ସମାଜ ପାର୍ଟି (ବିଏସପି) ପକ୍ଷରୁ କବିତା ଓଝା ନିଜି ନିଜ ସମର୍ଥକମାନଙ୍କ ସହ ଆସି କୋଣାର୍କ ଏନଏସି କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ବିଏସପି ପକ୍ଷରୁ ୩ନମ୍ବର ୱାର୍ଡ ପାଇଁ ପ୍ରଦୀପ କୁମାର ଚାନ୍ଦ, ୬ନମ୍ବର ୱାର୍ଡ ପାଇଁ ଦିଲ୍ଲୀପ କୁମାର କାଣ୍ଡି, ୧୦ ନମ୍ବର ୱାର୍ଡ ପାଇଁ ଜୁଲି ଗୋଛାୟତ, ୧୧ନମ୍ବର ୱାର୍ଡ ପାଇଁ ଚାରୁଲତା ଛାଟୋଇ, ୧୨ନମ୍ବର ୱାର୍ଡ ପାଇଁ ଅନିତା ସେଠୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସ୍ୱାଧିନ ପ୍ରାର୍ଥୀଭାବେ ୯ନମ୍ବର ୱାର୍ଡ ପାଇଁ ବିଚିତ୍ର କୁମାର ଓଝା ଏବଂ ବିଜେପି ପକ୍ଷରୁ ୭ ନମ୍ବର ୱାର୍ଡ ପାଇଁ ସୁମନ୍ତ ମଲ୍ଲ ମଧ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲର ପଞ୍ଚମ ଦିବସରେ ମୋଟ ୧୦ଜଣ ନାମଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ପ୍ରାର୍ଥୀପତ୍ର ଦାଖଲର ତୃତୀୟ ଦିବସରେ ଅଧକ୍ଷ ପଦବୀ ପାଇଁ ଦୁଇଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା । ରଞ୍ଜୁଲତା ଭୋଲ ଆଶାୟୀ ବିଜେଡି ଓ ସ୍ୱାଧିନ ପ୍ରାର୍ଥୀ ଭାବେ ଏହି ଦୁଇଟି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ଜଣା ପଡିଛି । ଚଳିତ ପୌର ନିର୍ବାଚନରେ କୋଣାର୍କ ଏନଏସି ଅଧକ୍ଷ ପଦବୀଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଏଯାଏଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଅଧକ୍ଷ ପଦବୀ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ । ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ପ୍ରାର୍ଥୀ ଚୟନରେ ସମସ୍ୟା ଦେଖାଦେଇଛି ।

## ସାମ୍ବାଦିକ ସଂଘ ପକ୍ଷରୁ ନିର୍ବାଚନ ଆୟୁକ୍ତଙ୍କୁ ଦାବିପତ୍ର

ଫୁଲନଖରା (ପିଏନ୍)-ସମ୍ପ୍ରତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକୁ ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘ ଦୃଢ଼ ନିନ୍ଦା କରିଛି। ଏହି ମର୍ମରେ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହାରାଷ୍ଟ୍ର ଭଳି ଓଡ଼ିଶାରେ ସାମ୍ବାଦିକଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ସଂଘ ରାଜ୍ୟ ସମ୍ପାଦକ ପବିତ୍ରକୁମାର ପାତ୍ର, କଟକ ଜିଲା ସଭାପତି ଲଳିତକୁମାର ଦାଶ, ପୁରୀ ଜିଲା ସଭାପତି ଶରତକୁମାର ପରିଡ଼ା, ପ୍ରଶାନ୍ତ କୁମାର ମହାନ୍ତି, ରାଜ୍ୟ ଉପ ସଭାପତି ଆଶୁତୋଷ ରଥଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବାନୀଶଙ୍କର ପାତ୍ର, ସତ୍ୟରନ ଦାସ ମହାପାତ୍ର, ତ୍ରିଲୋଚନ ମିଶ୍ର, ବାଲେଶ୍ୱର ଜିଲା ସଭାପତି ଉଜ୍ଜ୍ୱଳ କର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାନସର ପୀଡିତଙ୍କୁ ସହାୟତାର ହାତ ବଢାଇଲା ମା'ମଙ୍ଗଳା ସଂଗଠନ

ଆନନ୍ଦପୁର (ପିଏନ୍): ଗରିବ ଲୋକମାନଙ୍କ ସୁଖଦୁଃଖରେ ପାଖରେ ଛିଡା ହେଉଥିବା କେନ୍ଦୁଝର ଜିଲ୍ଲାର ମା'ମଙ୍ଗଳ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସୁଦୂର କଟକ ଚୌଦୁଆର ନୂଆସାହି କପଳେଶ୍ୱର ପୌରାଞ୍ଚଳ ଅଂଚଳର ଜଣେ ଗରିବ ଅସହାୟ କ୍ୟାନ୍ସର ପୀଡିତ ରୋଗୀ କାଜଲ ଚକ୍ରବର୍ତୀ(୬୨)ଙ୍କ ନିକଟରେ ପହଂଚିଥିଲେ । ସେ ୨୦୧୯ ମସିହାରୁ କ୍ୟାନ୍ସର ରୋଗରେ ପୀଡିତ ହୋଇ ଆଜି ପର୍ଯ୍ୟନ୍ତ ହନ୍ତସନ୍ତ ହେଉଛନ୍ତି । ତାଙ୍କର ଅର୍ଥ ଅଭାବରୁ କ୍ୟାନ୍ସର ଅପରେସନ୍ ହୋଇପାରୁ ନାହିଁ । ତାଙ୍କ ପରିବାରରେ ମୋଟ ୫ଜଣ ସଦସ୍ୟ ରହିଥିବା ବେଳେ ତାଙ୍କ ପୁଅ ଗାଡି ଚଳାଇ ପରିବାର ଚଳାଉଛନ୍ତି । ଏହି ଖବର ସୋସିଆଲ ମିଡିଆରୁ ଖବର ପାଇ କେନ୍ଦୁଝର ଜିଲ୍ଲାରୁ ମା'ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏହି ରୋଗୀଙ୍କୁ କିଛି ଆର୍ଥିକ ସହାୟତା ସହିତ ତିନିମାସର ରାସନ ସାମଗ୍ରୀ ପ୍ରଦାନ କରିବା ସହ ରୋଗୀଙ୍କ ସମସ୍ୟା ବୁଝି ତାଙ୍କର ଅପରେସନ୍ କିପରି ହୋଇପାରିବ ଏବଂ ସରକାରୀ ସ୍ତରରେ ଏହି ରୋଗୀଙ୍କୁ କିପରି ସାହାଯ୍ୟ କରିହେବ ଏଥିପ୍ରତି ଧ୍ୟାନ ଦେବେ ବୋଲି ମା'ମଙ୍ଗଳା ସଂଗଠନର କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ ।

## ହାତୀ ଭାଙ୍ଗିଲା କୁକୁଡା ଫାର୍ମ ପ୍ରାଚୀର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳୀ ପଂଚାୟତର ଗୋଡା ଗ୍ରାମରେ ଗୋଟିଏ କୁକୁଡା ଫାର୍ମର ବଣୁଆ ଜଙ୍ଗଲୀ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ପାଚେରୀ ଭାଙ୍ଗି ଦେଇଥିବାର ଜଣା ପଡିଛି । ଗ୍ରାମବସୀଙ୍କ ସୂଚନା ମୁତାବକ ଗୋଡା ଗ୍ରାମର ପ୍ରସନ୍ନ ରାଉତରାୟଙ୍କ ଫାର୍ମ ଭିତରେ ଜଙ୍ଗଲୀ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି କୁକୁଡା ଫାର୍ମର ପାଚେରୀ ଭାଙ୍ଗି ଦେଇଥିବାର ଜଣା ପଡିଛି । ଏ ନେଇ ଗ୍ରାମବାସୀ ବନବିଭାଗ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

## କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ଦଲାଲଙ୍କୁ ନେଇ ଚର୍ଚ୍ଚା, ଟିକେଟ ଦଲାଲ ଯୁବ ସଭାପତି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ଏବେ ଟିକେଟ ଦଲାଲଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକ ପ୍ରମୁଖ ରାଜନୈତିକ ଦଳରୁ ଟିକେଟ ପାଇବା ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ପୌର ନିର୍ବାଚନରେ ଏହି ରାଜନୈତିକ ଦଳ ବହୁ ସିଟ୍‌ରେ ବିଜୟୀ ହେବା ପରେ ଆଶାୟୀମାନେ ମହୁମାଛି ଭଳି ଏହି ଦଳରୁ ଟିକେଟ୍ ପାଇବା ପାଇଁ ଲାଇନ୍ ଲଗାଇଛନ୍ତି। ଏହି ପରିସ୍ଥିତିର ଫାଇଦା ଉଠାଇଛନ୍ତି ଜଣେ ଯୁବ ସଭାପତି। ସେ ଆଶାୟୀ ଓ ରାଜ୍ୟ ସ୍ତରୀୟ ନେତାଙ୍କ ମଧ୍ୟରେ ଏବେ ଦଲାଲ ସାଜିଛନ୍ତି। ଶୁଣା ଯାଉଛି ଏକ ନଗରପାଳ ଟିକେଟ କରାଇ ଦେବାକୁ ଦଲାଲ ଜଣଙ୍କ ଆଶୟୀ ପ୍ରାର୍ଥୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇଛନ୍ତି। ଠିକ ସେହିପରି କାଉସିଲର ପ୍ରାର୍ଥୀ କରାଇ ଦେବା ପାଇଁ ଆଶାୟୀଙ୍କ ଠାରୁ ୩ରୁ ୫ ଲକ୍ଷ ଟଙ୍କା ନେଉଛନ୍ତି। ଏହି ଯୁବ ସଭାପତି ଜଣଙ୍କର କେନ୍ଦ୍ରାପଡ଼ା ରାଜନୀତିରେ ବେଶ ଦବଦବା ରହିଥିବା ଆଲୋଚନା ହେଉଛି। ସବୁଠୁ ଅଧିକ ଦବଦବା ହେଉଛି ଅପରାଧୀମାନଙ୍କ ସହ ତାଙ୍କର ବହୁ ଘନିଷ୍ଠତା। ଏପରିକି ୧୯୯୭ମସିହାର ବହୁ ଚର୍ଚ୍ଚିତ କେନ୍ଦ୍ରାପଡ଼ା ସେକ୍ସ ସ୍କାଣ୍ଡାଲର ଅଭିଯୁକ୍ତଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ତାଙ୍କ ଘନିଷ୍ଠତା ଏତେ ଗଭୀର ଯେ ସେକ୍ସ ସ୍କାଣ୍ଡାଲର ଅଭିଯୁକ୍ତଙ୍କ ଠାରୁ ଯୁବ ସଭାପତି ଜଣକ ମୋଟା ଅଙ୍କର ଅର୍ଥ ନେଇ କାଉନସିଲର ଟିକେଟ୍ କରାଇ ଦେଇଛନ୍ତି। ଏଭଳି ଅପାରାଧୀକ ରେକର୍ଡ ଥିବା ବହୁ ପ୍ରାର୍ଥୀମାନଙ୍କୁ ସେ ଟିକେଟ କରାଇଦବୋକୁ କହି ଅର୍ଥ ନେଇଥିବା ମଧ ଅଭିଯୋଗ ହେଉଛି। ଠିକ ସେହିପରି ଯେଉଁ ଆଶାୟୀ ପ୍ରାର୍ଥୀ ଯୁବ ସଭାପତିଙ୍କୁ ଆଶା ଓ ଆକାଂକ୍ଷାକୁ ପୁରଣ କରିପାରୁଛନ୍ତି ସେ ତାଙ୍କୁ ଟିକେଟ କରାଇ ଦେଉଛନ୍ତି। କିନ୍ତୁ ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି ଏହି ପରମ୍ପରା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। କାରଣ ଗଣତନ୍ତ୍ର ପାଇଁ ଯୋଗ୍ୟ ପ୍ରାର୍ଥୀ ଟକେଟ ପାଇବା ଦରକାର। ଆସନ୍ତା ୫ ବର୍ଷ ପାଇଁ ଆମେ ଯେଉଳି ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ସେ ଆମର ଶାସନ ଭାର ସମ୍ଭାଳିବେ। ଆମେ ଯଦି ଅପରାଧୀଙ୍କୁ ଟିକେଟ ଦେବା ତାହା ହେଲେ ଅପରାଧୀ ଆସନ୍ତା ୫ ବର୍ଷ ପାଇଁ ଆମକୁ ଶାସନ କରିବେ। ଏହାଦ୍ୱାରା ସମାଜରେ ଅପରାଧିକ କାର୍ଯ୍ୟ କଳାପ ବୃଦ୍ଧି ପାଇବ। ତେଣୁ ଦଳ ହାଇକମାଣ୍ଡ ଏଭଳି ଜଣେ ଦଲାଲଙ୍କ ବିରୋଧରେ ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କେନ୍ଦ୍ରାପଡ଼ାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସରପଞ୍ଚ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ବିଜେପିରେ ଯୋଗଦାନ

ଆନନ୍ଦପୁର (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସରିବାର ସପ୍ତାହ ନପୁରୁଣୁ ବେଲବାହାଳି ପଂଚାୟତରେ ଏକ ନୂଆ ସମୀକରଣ ଦେଖା ଦେଇଛି । ଏହି ପଂଚାୟତର ସ୍ୱାଧୀନ ସରପଂଚ ପ୍ରାର୍ଥୀ ଭାବେ ଲଢୁଥିବା ପୂର୍ବତନ ଅଡିଟର ଘନଶ୍ୟାମ ସେଠୀ ଓ ବିଜେଡି ସମର୍ଥୀତ ୧୦ନଂ ୱାର୍ଡରୁ ସଭ୍ୟ ଭାବେ ବିଜୟଲାଭ କରିଥିବା ରବୀନ୍ଦ୍ର କୁମାର ନାୟକ ବିଜେପିରେ ଯୋଗଦାନ କରିଛନ୍ତି । ବରିଷ୍ଠ ବିଜେପି ନେତା ଡ.ଶମ୍ଭୁନାଥ ରାଉତ, ମଣ୍ଡଳ ସଭାପତି ଅନାଦି ସାହୁ, ବିଜୟୀ ସରପଂଚ ଶ୍ରୀମତୀ ଦିପ୍ତୀ ସାହୁ, ଯୁବ କାର୍ଯ୍ୟକର୍ତ୍ତା ବୈଲୋଚନ ମହାରଣା, ବୀରବର ସାହୁ, ଝାଡେଶ୍ୱର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଲେ ବୋଲି ପ୍ରକାଶ କରିଛନ୍ତି । ଏହା ଫଳରେ ବେଲବାହାଳି ପଂଚାୟତରେ ବିଜେପି ମଜଭୁତ ହେବ ବୋଲି ଡ. ରାଉତ ପ୍ରକାଶ କରିଛନ୍ତି ।

# ମହାକାଳପଡ଼ା ଗୁଳିକାଣ୍ଡ ଘଟଣା: ତ୍ରିକୋଣୀୟ ପ୍ରେମରୁ ହତ୍ୟା ସନ୍ଦେହ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅନ୍ତର୍ଗତ ଅଳାଇଲୋ ପଞ୍ଚାୟତର ବବକରପୁର ଗ୍ରାମରେ ଘଟିଥିବା ଗୁଳିକାଣ୍ଡ ଘଟଣା ସମଗ୍ର ଜିଲ୍ଲା କେବଳ ନୁହେଁ ସାରା ରାଜ୍ୟରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିଛି। କାରଣ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ପୂର୍ବରୁ ସୁପାରୀ କିଲର(ଭଡ଼ାଟିଆ ହତ୍ୟାକାରୀ)କୁ କେବେ କେନ୍ଦ୍ରାପଡ଼ାରେ ବ୍ୟବହାର କରାଯାଇ ନ ଥିଲା। କେନ୍ଦ୍ରାପଡ଼ାରେ ହାଇଦରଙ୍କ ଭଳି ବହୁ ଚର୍ଚ୍ଚିତ ସୁପାରୀ କିଲର ଥିଲେ। କିନ୍ତୁ ତାଙ୍କୁ କେବେ କେହି ପ୍ରେମ ବ୍ୟାପରରେ ଲଗାଇ ନ ଥିଲେ। କିନ୍ତୁ ମହାକାଳପଡ଼ାରେ ପ୍ରେମ ବ୍ୟାପାରକୁ ନେଇ ସୁପାରୀ କିଲର ବ୍ୟବହାର କରିବା ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ପୋଲିସ ନିଶ୍ଚିତ ହୋଇଛି ଯେ ଅର୍ଥ କିମ୍ବା ଅନ୍ୟ କିଛି ହାସଲ କରିବାକୁ ସୁପାରୀ କିଲରମାନେ ଯେକୌଣସି ବ୍ୟାପାରରେ ନିଜକୁ ସଂପୃକ୍ତ କରିପାରିବେ। ତେଣୁ ଏବେ କେବଳ ବଡ଼ ଅପରାଧୀ ନୁହେଁ ଛୋଟ ଅପରାଧୀଙ୍କ ଉପରେ ମଧ ପୋଲିସ କଡ଼ା ନଜର ରଖିବା ଆରମ୍ଭ କରି ଦେଇଛି। ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପଦ ମଡ଼କରଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ରବିବାର ମହାକାଳପଡ଼ା ଥାନା ଅନ୍ତର୍ଗତ ବବକରପୁର ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଦଳରେ ଦକ୍ଷ ପୋଲିସ ଅଧିକାରୀ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେଶ ପାଣ୍ଡେ ଅଛନ୍ତି। ଅପରାଧୀଦ୍ୱୟ ଏବେ ପୋଲିସ ହେପାଜତରେ ଅଛନ୍ତି। ତେଣୁ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ଏସ୍‌ଡିପିଓ ଅପରାଧୀ ଦ୍ୱୟଙ୍କୁ ଜେରା କରୁଛନ୍ତି। ଗୁଳି କରିବା ପାଇଁ ସେମାନଙ୍କୁ କେତେ ଟଙ୍କାରେ ଡିଲ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ କେତେ ଟଙ୍କା ଦିଆଯାଇଥିଲା। କିଏ ଏହି ଅପରାଧୀ ଦ୍ୱୟଙ୍କୁ ହତ୍ୟାକାଣ୍ଡ ଭିଆଇବା ପାଇଁ ନିୟୋଜିତ କରିଥିଲା। ହତ୍ୟାକାରୀ ବନ୍ଧୁକ କେଉଁଠୁ ଆଣିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ସୁପାରୀ ଦେଇଥିବା ବ୍ୟକ୍ତି ଅପରାଧୀଙ୍କୁ ଦେଇଥିଲା ନା ଅପରାଧୀ ନିଜେ ବନ୍ଧୁକ ଯୋଗାଡ଼ କରିଥିଲେ ତାହାକୁ ନେଇ ଏସ୍‌ପି ତନାଘନା କରିଛନ୍ତି। ଅପରପକ୍ଷରେ ଯେଉଁ ଯୁବତୀଙ୍କୁ ମୃତ ଅରବିନ୍ଦ ମିଶ୍ରଙ୍କ ପୁଅ ବିବାହ କରିଥିଲେ ସେ ସୁପାରୀ କିଲର ଲଗାଇ ଏହି କାଣ୍ଡ ଭିଆଇଥିବେ ବୋଲି ଯେଉଁ ସନ୍ଦେହ କରାଯାଉଥିଲା ସେଭଳି ସନ୍ଦେହରେ ପୂର୍ଣ୍ଣଚ୍ଛେଦ ପଡିଛି।

ଶୁଭକେଶ ଯାଜପୁରରେ ଏକ କଲେଜରେ ଅଧାପକ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଦୁଇଜଣ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିବା ସନ୍ଦେହ କରାଯାଉଛି। ହେଲେ ସେ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହ ପରେ ମଧ ସେ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ଏହି କାରଣରୁ ତାଙ୍କ ପତ୍ନୀ ଗତ ୮ ମାସ ହେବ ତାଙ୍କୁ ଛାଡି ଭୁବନେଶ୍ୱର ପଳାଇଥିଲେ। ପୂର୍ବତନ ପ୍ରେମିକା ଚାହୁଁଥିଲେ ଶୁଭକେଶ ତାଙ୍କ ପତ୍ନୀଙ୍କୁ ଛାଡପତ୍ର ଦେଇ ତାଙ୍କୁ ବିବାହ କରୁ। ହେଲେ ଶୁଭକେଶଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ତେଣୁ ପୂର୍ବତନ ପ୍ରେମିକା ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିବା ପାଇଁ ସୁପାରୀ ଦେଇଥିବା ପୋଲିସ ସନ୍ଦେହ କରିଛି। ସଂପୃକ୍ତ ଯୁବତୀଙ୍କୁ ପୋଲିସ ଯାଜପୁରରୁ ଆଣି ପଚରାଉଚରା କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ସୁପାରୀ କିଲରମାନେ ଶୁଭକେଶଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତେଣୁ ସେମାନେ ୩ଟି ଗୁଳି ଭର୍ତ୍ତି ବନ୍ଧୁକ ସାଙ୍ଗରେ ଆଣିଥିଲେ। ଦୁଇଟି ବନ୍ଧୁକରୁ ସେମାନେ ୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ହେଲେ ଆଉ ଏକ ବନ୍ଧୁକକୁ ଜଣେ ଅପରାଧୀ ଅଣ୍ଟାରେ ରଖିଥିଲେ। ପୋଲିସ ୩ଟି ଯାଜ ବନ୍ଧୁକ ଜବତ କରିଛି। କେଉଁଠାରୁ ଏହି ବନ୍ଧୁକ ଅପରାଧୀମାନେ ଆଣିଥିଲେ ସେ ନେଇ ପୋଲିସ ତନାଘନା ଚଳାଇଛି। ପୋଲିସ ଗୁଳିକାଣ୍ଡରେ ବ୍ୟବହାର ହୋଇଥିବା ୧୦ଟି ଖୋକା ଓ ୧୦ଟି ଜୀବନ୍ତ ଗୁଳି ଜବତ କରିଛି।

ଅରବିନ୍ଦ ମିଶ୍ରଙ୍କ ପୁଅ ଶୁଭକେଶଙ୍କ ମୋବାଇଲକୁ ଫେବୃୟାରୀ ୮ ତାରିଖରେ ଏକ ଧମକପୂର୍ଣ୍ଣ ଫୋନ କଲ ଆସିଥିଲା। ତାଙ୍କ ପୂର୍ବତନ ପ୍ରେମିକାଙ୍କୁ ବିବାହ ନ କଲେ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରାଯିବ ବୋଲି ସୁପାରୀ କିଲର ଧମକ ଦେଇଥିଲେ। ଏ ନେଇ ମହାକାଳପଡ଼ା ଥାନାରେ ଏତଲା ଦିଆଯାଇଥିଲା। ହେଲେ ପୋଲିସ ଏହାକୁ ହାଲୁକା ଭାବେ ଗ୍ରହଣ କରିଥିଲା। ପୋଲିସ ଯଦି ସେହିଦିନ ମୋବାଇଲର କଲ ରେକର୍ଡ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥାନ୍ତା ତାହା ହେଲେ ଏଭଳି ହତ୍ୟାକାଣ୍ଡ ଘଟି ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଏହି ହତ୍ୟାକାଣ୍ଡ ସମ୍ପର୍କରେ ଟିକିନିକି ଖବର ଜାଣିବା ପାଇଁ ଏସ୍‌ପି ଶ୍ରୀ ମଡ଼କର ୪ଟି ପୋଲିସ ଟିମ ଗଠନ କରିଛନ୍ତି। ଏହି ଟିମ ଯାଜପୁରର ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରୁଛି। ଏହି ହତ୍ୟାକାଣ୍ଡରେ କେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ସମ୍ପର୍କରେ ଏହି ଟିମ ତଥ୍ୟ ଆଣିବ ବୋଲି ପୋଲିସ କହିଛି। ଏହି ୪ଟି ଟିମର ନେତୃତ୍ୱ ନେଉଛନ୍ତି ଏସ୍‌ପି ସନ୍ଦୀପ ସମ୍ପଦ ମଡ଼କର, ଅତିରିକ୍ତ ଏସପି ହରେଶ ଚନ୍ଦ୍ର ପାଣ୍ଡେ, ଏସଡିପିଓ ରାଜୀବ ଲୋଚନ ପଣ୍ଡା ଓ ମହାକାଳପଡା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ।

## ଗରମ ପେଜରେ ପଡି ଏକ ବର୍ଷର ଶିଶୁ କନ୍ୟା ଗୁରୁତର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁରେ ଗରମ ପେଜରେ ପଡି ଜନୈକ ଏକ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକାତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଗୁରୁତର ଶିଶୁ ଜଣକ ହେଉଛନ୍ତି ମୋହନ ମଣ୍ଡଳଙ୍କ ଏକ ବର୍ଷର କନ୍ୟା ସୁଚିତ୍ରା ମଣ୍ଡଳ। ଶିଶୁର ମା' ଗୀତା ମଣ୍ଡଳଙ୍କ କହିବାନୁଯାୟୀ ତାଙ୍କ ଘରେ ଭାତ ଗଳାଯାଇ ପେଜକୁ ଏକ ତସଲାରେ ରଖାଯାଇଥିଲା। ଏହି ସମୟରେ ସୁଚିତ୍ରା ଖେଳୁଥିବା ବେଳେ ପଛପଟୁ ପଡି ଯାଇଥିଲେ। ଫଳରେ ତସଲାରେ ଥିବା ତତଲା ପେଜ ଲାଗି ତାଙ୍କ ଶରୀରର ପଛ ପାର୍ଶ୍ୱ ଫୋଟକା ହୋଇଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଅଣାଯାଇଥିଲା। ଏବେ ଶିଶୁଟିର ଚିକିତ୍ସା ଚାଲିଛି। କିନ୍ତୁ ଏଠାରେ ସ୍ୱତନ୍ତ୍ର ବର୍ଣ୍ଣ ୟୁନିଟ୍ ନ ଥିବାରୁ ଶିଶୁଟି ଉତ୍ତମ ଚିକିତ୍ସା ପାଇପାରୁନାହିଁ ବୋଲି ଅଭିଯୋଗ ହୋଇଛି।

## ଅଟୋ ଚାଳକଙ୍କ ଦୌରାତ୍ମ୍ୟ, ଥାନାରେ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ସାନ୍ତସାହି ପୋଲ ନିକଟରେ ଅଟୋଚାଳକଙ୍କ ଦୌରାତ୍ମ୍ୟରେ ଯାତ୍ରୀ ହୀନସ୍ଥା ହୋଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ସହରର ଜଇପୁରା ଗ୍ରାମର ବାସିନ୍ଦା ଭାରତୀ ନାୟକ ଅଭିଯୋଗ କହିଛନ୍ତି ଯେ ମହାକାଳପଡ଼ା ବ୍ଲକର ମଙ୍ଗରାଜପୁରକୁ ଯିବା ପାଇଁ ସେ ଏକ ଅଟୋରେ ବସିଥିଲେ। ଏଥିପାଇଁ ୩୫୦ ଟଙ୍କା ଅଟୋଚାଳକ ଦାବି କରିଥିଲେ। କିନ୍ତୁ ୩୦୦ ଟଙ୍କା ଦେବେ ବୋଲି ଭାରତୀ କହିଥିଲେ। କିନ୍ତୁ ଅଟୋଚାଳକ ଜଣକ ସର୍ତ୍ତ ରଖିଥିଲେ ଯେ ବାଟରେ ଯଦି ଅନ୍ୟ କୌଣସି ଯାତ୍ରୀ ଯିବାକୁ ଚାହାଁନ୍ତି ତେବେ ସେ ସେମାନଙ୍କୁ ନେବେ। ଭାରତୀଙ୍କୁ ମଙ୍ଗରାଜପୁର ବଦଳରେ ଓରତଘାଟରେ ଛାଡିଦେବେ। ଏଥିରେ ଭାରତୀ ରାଜି ହୋଇ ନ ଥିଲେ। କାରଣ ଓରତ ଘାଟରେ ଛାଡିଲେ ଭାରତୀ ମଙ୍ଗରାଜପୁର ଯିବା ପାଇଁ ଅସୁବିଧାରେ ପଡିବେ। ତେଣୁ ଭାରତୀ ଅଟୋଚାଳକଙ୍କ ସର୍ତ୍ତରେ ରାଜି ନ ହୋଇ ଅଟୋରୁ ଓହ୍ଲାଇ ଅନ୍ୟ ଏକ ଅଟୋରେ ବସିଥିଲେ। କିନ୍ତୁ ପୂର୍ବ ଅଟୋଚାଳକ ବାବୁଲି ରାଉତ ଆସି ସେହି ଅଟୋଚାଳକଙ୍କ ସହ ଯୁକ୍ତିତର୍କ କରିବା ସହ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ। ଏହି ଯାତ୍ରୀମାନେ ଭାରତୀଙ୍କ ସହ ଯିବା ପାଇଁ ପୂର୍ବରୁ ରାଜି ହୋଇଥିଲେ। ଏହାପରେ ଯାତ୍ରୀମାନେ ମଙ୍ଗରାଜପୁର ଯାଉଥିବା ଏକ ବସରେ ଚଢିଥିଲେ। କିନ୍ତୁ ଅଟୋଚାଳକ ବାବୁଲି ବସରେ ଚଢି ଯାତ୍ରୀମାନଙ୍କୁ ଧମକ ଦେବା ସହ ଏହି ଯାତ୍ରୀମାନଙ୍କୁ ନ ନେବାକୁ ବସର କଣ୍ଡକଟର ଓ ଡ୍ରାଇଭରଙ୍କୁ ମଧ ଧମକ ଦେଇଥିଲେ। ଏଥିସହ ବସରୁ ବାବୁଲି ଯାତ୍ରୀମାନଙ୍କୁ ଭିଡି ଓହ୍ଲାଇ ଦେଇଥିଲେ। ଅଟୋଚାଳକ ବାବୁଲିଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଭାରତୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଅଟୋଚାଳକ, ବସ କର୍ମଚାରୀ ଓ ବସ ମାଲିକଙ୍କୁ ଡକାଇ ପଚରାଉଚରା କରୁଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ପୃଷ୍ଟି କହିଛନ୍ତି।





## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# କିଡିନି ଓ ଟି.ବି ରୋଗୀଙ୍କୁ ସହାୟତା ପ୍ରଦାନକଲେ ଉଦୀୟମାନ ଅନୁଷ୍ଠାନ



ଚଣ୍ଡିଖୋଲ,(ପି.ଏନ): ଚଣ୍ଡିଖୋଲ ଉଦୀୟମାନ ସେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବଡ଼ଚଣା ବ୍ଲକ ଶାନ୍ତିପୁର ପଞ୍ଚାୟତ ଖଣ୍ଡଖପସୀ ଗ୍ରାମର ପ୍ରଶାନ୍ତ ରାଉତଙ୍କୁ ୫ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ପ୍ରଶାନ୍ତ ଜଣେ ଦିନ ମଜୁରିଆ ତାର ବୟସଛୋଟ ଛୋଟ ପୁଅଝିଅ ଓ ବୁଢା ବୁଢ଼ି ବାପମାଆଙ୍କୁ ନେଇ ବହୁତ ଦୁଃଖକଷ୍ଟରେ ଚଳିଆସେ ।ମାତ୍ର ୪୮ ବର୍ଷ ବୟସରେ ତାଙ୍କର ଦୁଇଟି ଯାଙ୍କ କିଡିନି ନଷ୍ଟ ହୋଇଯାଇଛି । ତାଙ୍କର ଡାଇଲେସିସ୍ ପାଇଁ ବହୁଅର୍ଥର ଆବଶ୍ୟକ ପଡୁଥିବାରୁ ଉଦୀୟମାନର କର୍ମୀମାନେ ସହାୟତାର ହାତ ବଢାଇଥିବା ବେଳେ ଧାନମଣ୍ଡଳ ମଠସାହୀ ଗ୍ରାମର ନବମ ଶ୍ରେଣୀ ଛାତ୍ରୀ ପୁର୍ଣ୍ଣିମା ଦେହୁରୀଙ୍କୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ପୁର୍ଣ୍ଣିମା ଦୁଇମାସ ଧରି ବ୍ରେନ୍ ଟିବି ରୋଗରେ ଆକ୍ରାନ୍ତ ହୋଇ ପାଠପଢାରେ ଡୋରୀ ବାନ୍ଧିଛନ୍ତି । ଏହି ଦୁଇଟି ରୋଗୀ ସମ୍ପୂର୍ଣ୍ଣ ଭଲହେବା ପର୍ଯ୍ୟନ୍ତ ସେମାନଙ୍କ ଦେଖାଶୁଣା କରିବା ପାଇଁ ଅନୁଷ୍ଠାନର ସଂପାଦକ ଅନିଲ କୁମାର ଦାସ ସଭାପତି ଅବିନାଶ ଜେନା ଓ ସେଚ୍ଛାସେବୀ ପ୍ରକାଶ କୁମାର ସହୁ ପ୍ରକାଶ କରିଛନ୍ତି ।

## ନାରୀ ଦୁର୍ଗା, ସରସ୍ୱତୀ ଓ ଲକ୍ଷ୍ମୀ : ସାମନ୍ତରାପୁର ସ୍କୁଲରେ ଆନ୍ତର୍ଜାତିକ ମହିଳା ଦିବସ

ଖୋର୍ଦ୍ଧା ,(ପି.ଏନ): ଖୋର୍ଦ୍ଧା ସାମନ୍ତରାପୁର ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟରେ ଆମରି ସତ୍ୟ ଓ ଉ.ପ୍ରା ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ଆନ୍ତର୍ଜାତିକ ମହିଳା ଦିବସ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆମରି ସତ୍ୟର ପ୍ରତିଷ୍ଠାତା ଡ଼. ପ୍ରମୋଦ ଚନ୍ଦ୍ର ଦାଶ ଦିବସର ତାତ୍ପର୍ଯ୍ୟ ଉପରେ ଏକ ତଥ୍ୟମୂଳକ ବିବରଣୀ ପ୍ରଦାନ କରିଥିଲେ । ଆମରି ସତ୍ୟର ସମ୍ପାଦକ ଡ଼. ପ୍ରସନ୍ନ କୁମାର ଜେନା ସମାଜର ମଙ୍ଗଳ ସାଧନ ପାଇଁ ଉଭୟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ରହିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର୍ ଡ଼. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚୀନ କାଳରୁ ଶକ୍ତି, ବିଦ୍ୟା ଓ ଧନର ଦେବୀ ରୂପେ ଯଥାକ୍ରମେ ଦୁର୍ଗା, ସରସ୍ୱତୀ ଓ ଲକ୍ଷ୍ମୀଙ୍କୁ ଗ୍ରହଣ କରାଯାଇ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆ ହୋଇଆସିଛି ବୋଲି ମତ ଦେଇଥିଲେ । ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, କବି ସମରଜିତ୍ ପଟ୍ଟନାୟକ, କାଶୀନାଥ ଦାଶ, ଆଦି ନାରାୟଣ ଖଣ୍ଡୁଆଳ, ପ୍ରମୁଖ ବିଭିନ୍ନ ଦିଗରୁ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

## ଏମ୍.ବି.ସି ପବ୍ଲିକ୍ ସ୍କୁଲ୍‌ର ଛାତୀ ସ୍ୱୟଂପ୍ରଭା ମହାନ୍ତିଙ୍କ କୃତୀତ୍ୱ




ଭୁବନେଶ୍ୱର,(ପି.ଏନ): ଏମ୍.ବି.ସି ପବ୍ଲିକ୍ ସ୍କୁଲ୍‌ର ସପ୍ତମ ଶ୍ରେଣୀର କୃତୀଛାତ୍ରୀ ସ୍ୱୟଂପ୍ରଭା ମହାନ୍ତି କଟକସ୍ଥିତ ସେନ୍ଟ ଜାଭିୟର ହାଇସ୍କୁଲ ଦ୍ୱାରା ଆୟୋଜିତ ହୋଇଥିବା ଇନ୍‌ଟର ସ୍କୁଲ ଅନ୍‌ଲାଇନ୍ ବୈଦିକ ଗଣିତ, ଓଡିଶା ପ୍ରତିଯୋଗୀତାରେ ଭାଗନେଇ କୃତୀତ୍ୱର ସହ ଚମତ୍କାର ପ୍ରଦର୍ଶନ କରି ଦ୍ୱୀତୀୟ ସ୍ଥାନ ଅଧିକାର କରିବା ସହ ଏକ୍ସକ୍ୟୁଜାଇଟ୍ -୨ ପୁରସ୍କାର ସ୍ୱରୂପ ମାନପତ୍ର ଓ ଟ୍ରଫି ଗ୍ରହଣ କରିଛନ୍ତି । ସେ ତାଙ୍କର ସମସ୍ତ ଶ୍ରେୟ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କ ସହ ପରିବାରକୁ ଦେଇଛନ୍ତି ।

## ଫେରିଲେ ନିଖୋଜ ଦାଦନ ନାବାଳିକା

ଆନନ୍ଦପୁର:(ପି.ଏନ):ଆର୍ଥିକ ସଙ୍କଟରେ ପେଶି ହେଉଥିବା ପରିବାରର ଜୀବନ ଶୈଳୀକୁ ସ୍ୱାଭାବିକରେ ପରିଣତ କରିବା ଆଶାରେ ଦାଦନ ଖଟିବାକୁ ଯାଇଥିବା ନାବାଳିକା ଘରକୁ ଫେରିଛି । ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରିବା ଯୋଗୁଁ ଦାଦନରୁ ନାବାଳିକା ଫେରିଥିବା ଜଣାପଡିଛି । ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷ ପରିବାରକୁ ବୁଝାସୁଝା କରିବା ସହିତ ନାବାଳିକା ଅଧିକ ପାଠ ପଢିବା ପାଇଁ ପରାମର୍ଶ ଦେଇଛନ୍ତି । ଆନନ୍ଦପୁର ପୌରପରିଷଦ୭ନଂ ୱାର୍ଡ କଲେଜ ପଛ ପାର୍ଶ୍ୱ ବସ୍ତି ଅଂଚଳରେ ଅନୁସୂଚିତ ଜନଜାତି ବର୍ଗର ଲୋକ ବସବାସ କରୁଛନ୍ତି । ଏହି ବସ୍ତିର ରଇବାରୀ ମୁକ୍ତାର ଝିଅ ତଥା ୯ମ ଶ୍ରେଣୀ ଛାତ୍ରୀ ନିଜ ସାହିର କୁଦିଆ ସିଙ୍କୁ ସହିତ ୨୨.୦୭.୨୦୨୧ରେ ଗୁଜୁରାଟର ଅହମ୍ମଦାବାଦକୁ କାମ କରିବାକୁ ଯାଇଥିଲେ । ଏପରିକି ବସ୍ତିର ଅନ୍ୟ ଜଣେ ଝିଅ ଓ ଦୁଇଜଣ ପୁରୁଷ ପିଲା ମଧ ତାଙ୍କ ସହିତ ଦାଦନ ଖଟିବାକୁ ଯାଇଥିଲେ । ଗତ ୨୦୨୧ ଡିସେମ୍ବର ମାସ ପରେ ସେମାନଙ୍କ ସହିତ ଯୋଗାଯୋଗ ଆଦୌ ସମ୍ଭବ ହୋଇନଥିଲା । ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଂଚଳର ଏସ୍ ଫଜୁଲ ନାମକ ଜଣେ ଦଲାଲ ସେମାନଙ୍କୁ ଅଧିକ ଅର୍ଥର ଲୋଭ ଦେଖାଇ କେଉଁଆଡେ ନେଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ଏହାପରେ ନାବାଳିକା ନିଖୋଜ ହୋଇଥିବା ବିଭିନ୍ନ ସୂତ୍ରରୁ ଖବର ପାଇ ନାବାଳିକାକୁ କାମରେ ଲଗାଇଥିବା କମ୍ପାନୀ ତରଫରୁ ଟ୍ରେନ୍ ଯୋଗେ ନିଜ ଘରକୁ ଫେରାଇବାର ବ୍ୟବସ୍ଥା କରାଯାଇଥିଲା । ନାବାଳିକା ଘରକୁ ଫେରିବା ପରେ ପରିବାରରେ ଖୁସି ଫେରି ଥିବାରୁ ପରିବାର ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶଂସା କରାଯାଇଛି ।

# ଦୂର ହେଉ ଲିଙ୍ଗଗତ ବୈଷମ୍ୟ : ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ଆହ୍ୱାନ

ଖୋର୍ଦ୍ଧା, (ପି.ଏନ) ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମହିଳା ଦିବସ ବକ୍ସି ଜଗବଂଧୁ ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଂପାଦିକା ଇତିଶ୍ରୀ ସାହୁ ପ୍ରାରଂଭିକ ସୂଚନା ଦେଇ କହିଥିଲେ ଯେ, ସ୍ୱାଧୀନତାର ୭୫ ବର୍ଷପରେ ମଧ କନ୍ୟାଭ୍ରୁଣ ହତ୍ୟା, ନାରୀ ନିର୍ଯ୍ୟାତନା ଆଦି ଲାଗି ରହିଥିବାରୁ ବିଶ୍ୱ ମହିଳା ଦିବସ ପାଳନର ଯଥାର୍ଥତା ରହିଛି । ସେ ପୂର୍ବସଭାର ବିବରଣୀ ପାଠ କରିବା ସହ ନାରୀମାନଙ୍କ ପ୍ରତିଭାକୁ ଆମକୁ ସ୍ୱୀକାର କରିବାକୁ ପଡିବ ବୋଲି କହିଥିଲେ । ଗାଳ୍ପିକା ଜ୍ୟୋତିପ୍ରଭା ପଟ୍ଟନାୟକ ପୁରୁଷ ଓ ନାରୀ ମଧରେ ଥିବା ଲିଙ୍ଗଗତ ବୈଷମ୍ୟ ଦୂରକରିବାକୁ ଆହ୍ୱାନ ଦେଇଥିଲେ । ମା'ମାନଙ୍କ ଭୂମିକା ଉପରେ ପ୍ରାବନ୍ଧିକ ସମରେନ୍ଦ୍ର ବଳିଆରସିଂହ ଏବଂ ନାରୀମାନଙ୍କ ସହନଶୀଳତା ଓ ପାରଦର୍ଶିତା ଉପରେ ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ବୁଝାଇଥିଲେ । କବି ଗୋବିନ୍ଦ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରମୋଦା ମହାନ୍ତି, ଡ. ଚପଳା କୁମାରୀ ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ସ୍ୱପ୍ନାମୟୀ ସାହୁ, ଶାନ୍ତିଲତା ଦେବୀ, ପ୍ରେମଲତା ପୃଷ୍ଟି, କ୍ରିତିକା ପୃଷ୍ଟି, ସ୍ନିଗ୍ଧାମୟୀ ପଟ୍ଟନାୟକ, ସାରଳା ପୃଷ୍ଟି, ସ୍ୱପ୍ନା ପଟ୍ଟନାୟକ, ବିଦ୍ୟାଧର ରାୟ, ଦୀପକ କୁମାର ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ନମିତା ଟୁଡୁ ପ୍ରମୁଖ ମହିଳା ଦିବସ ସମ୍ପର୍କରେ କବିତା ପାଠ ସହିତ ବକ୍ତବ୍ୟ ଦେଇଥିଲେ । ପରଲୋକ ଗମନ କରିଥିବା କଂଟାବାଡ଼ର ଧୁଡୁକି କଳାକାର ରମେଶ ଚନ୍ଦ୍ର ମହାପାତ୍ର ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ମୃତିରଂଜନ ସାହୁ ଧନ୍ୟବାଦ ଦେଇଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତି ଚାରଣ ସଭା




ଖୋର୍ଦ୍ଧା,(ପିଏନ):ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହିର ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗୋପୀନାଥ ସାହୁଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ନିଜ ବାସଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ କାର୍ଯ୍ୟକ୍ରମରେ ଶିକ୍ଷାବିତ ଯୋଗେଶ୍ୱର ସୁନ୍ଦରାୟଙ୍କ ସଭାପତିତ୍ୱ ଓ ଗାୟକ କସ୍ତୁରୀ ମିହିର କୁମାର ଆଚାର୍ଯ୍ୟଙ୍କ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ହୋମିଓପାଥିକ ଡାକ୍ତର ଅମରେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି,ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟବକ୍ତା, କବି ଗୌର ଚରଣ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରି ସ୍ମୃତି ଚାରଣ କରିଥିଲେ । ସଭାର ପ୍ରାରମ୍ଭରେ ମୁଖ୍ୟବକ୍ତା ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ସ୍ୱ ରଚିତ ସଙ୍ଗୀତ ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ । ଏଥିରେ ଶିକ୍ଷାବିତ ଉପେନ୍ଦ୍ର କୁମାର ସାହୁ,ଭାଗିରଥି ପରିଡା,ରଘୁନାଥ ମହାନ୍ତି,ସୁରେନ୍ଦ୍ର ନାଥ ସୁବୁଦ୍ଧି,ଶିକ୍ଷକ ଜମ୍ମେଶ୍ୱର ମଙ୍ଗରାଜ,ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ,ସୁକୁମାରୀ ସାହୁ,ପୁର୍ବତନ ନାଏବ ସରପଂଚ ପ୍ରସନ୍ନ ବାରିକ,ସତ୍ୟବାଦୀ ସାହୁ ଓ ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଶିକ୍ଷାନୁରାଗୀ ଗୋପିନାଥ ସ୍ମରଣିକା ଉନ୍ମୋଚନ ଅତିଥିମାନେ କରିଥିଲେ । ଶେଷରେ ଜ୍ୟେଷ୍ଠ ପୁତ୍ର ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ , ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଅଂଶ ଗ୍ରହଣ କରିଥିଲେ ।

# ନିରବୀ ଗଲେ ଗାୟକ ସ୍ୱରସୁଧା ରମେଶ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମର ଜଣାଶୁଣା ପାଲା ଗାୟକ,ଆକାଶବାଣୀ କେନ୍ଦ୍ରର କଳାକାର ତଥା ଧୁଡୁକି ଓ ଏକତାରା ବାଦକ ରମେଶ ଚନ୍ଦ୍ର ମହାପାତ୍ର (୫୪)ଙ୍କର ଗତକାଲି ରାତିରେ ହୃଦଘାତ ଯୋଗୁଁ ପରଲୋକ ଘଟିଯାଇଛି । ଯାହା କି କଳା ଜଗତର ଏକ ଅପୂରଣୀୟ କ୍ଷତି ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୂଚନା ମୁତାବକ ଶ୍ରୀ ମହାପାତ୍ର ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକମାନେ ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ



ଯାଉଥିବା ସମୟରେ ମୃତ୍ୟୁବରଣ କରିଥିଲେ । ସ୍ୱର୍ଗତ ରମେଶ ମହାପାତ୍ର ବିଶେଷ ଭାବେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ସ୍ୱରସୁଧା ଉପାଧିରେ ଭୂଷିତ ହୋଇ ଧୁଡୁକି ଓ ଏକତାରା ଭଜନ ପରିବେଷଣ କରି ଅଂଚଳରେ ଲୋକପ୍ରିୟ ହୋଇ ପାରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ବିଜେଡି ସମ୍ପାଦକ ତଥା ଯୁବ ନେତା ପ୍ରଦୀପ କୁମାର ସାହୁ,ସ୍ଥାନୀୟ ଅଂଚଳର ପୂର୍ବତନ ସରପଂଚ ପ୍ରଶାନ୍ତ ବେହେରା, ବରିଷ୍ଠ ଗାୟକ ଖଗେଶ୍ୱର ମାର୍ଥା,ମିହିର ଆଚାର୍ଯ୍ୟ,ଶିକ୍ଷାବିତ ଲୋକ ନାଥ ପଣ୍ଡା,ରାଜ କିଶୋର ପାଣିଗ୍ରାହୀ, ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ,କବି ନରୋତମ ବେହେରା,ଭାସ୍କର ମହାନ୍ତି, ଅଖିଳେଶ ମହାପାତ୍ର, କ୍ଷେତ୍ରବାସୀ ମଲ୍ଲିକ, କବୟିତ୍ରୀ ପ୍ରତିମା ପ୍ରଧାନ, ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ବେଣୁଧର ପଣ୍ଡା ଓ ଚିନ୍ମୟ ପଣ୍ଡାଙ୍କ ସମେତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ତାଙ୍କର ଏକମାତ୍ର ପୁଅ ଦୁର୍ଗାପ୍ରସାଦ ମୁଖାଗ୍ନି ଦେବା ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତେଷ୍ଟିକ୍ରିୟା ସମାପନ ହୋଇଥିଲା । ଏ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray